# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**01st July - 2024**

**News Editor : *Itishree Singh Rathaur***

*********************************

***Desk***

## ନୂଆ ଅପରାଧିକ ଆଇନ

ସମଗ୍ର ଦେଶରେ ଆଜିଠାରୁ ୩ଟି ନୂତନ ଅପରାଧିକ ଆଇନ୍ କାର୍ଯ୍ୟକାରୀ ହେବ । ସେଗୁଡ଼ିକ ହେଉଛି, ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩। ଏହି ଆଇନ୍‌ଗୁଡ଼ିକ ୧୮୬୦ ମସିହାର ବ୍ରିଟିଶ୍ ଆଇନ୍ ଭାରତୀୟ ପିଙ୍ଗଳକୋର୍ଡ-ଆଇପିସି, ଭାରତୀୟ ଫୌଜଦାରୀ ଆଇନ୍-୧୯୭୩ ଏବଂ ୧୮୭୨ ମସିହାର ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ସ୍ଥାନରେ କାର୍ଯ୍ୟକାରୀ ହେବ। ଏହି ଆଇନ୍‌ରେ ସାମ୍ପ୍ରତିକ ସାମାଜିକ ପରିସ୍ଥିତି ଏବଂ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଆବଶ୍ୟକ ନିୟମ ରଖାଯାଇଛି। ତଦନ୍ତକୁ ଅଧିକ ସହଜ ଏବଂ ନ୍ୟାୟ ପ୍ରଦାନକୁ ତ୍ୱରିତ କରିବା ଲକ୍ଷ୍ୟରେ ଏହି ଆଇନ୍‌ରେ ବ୍ୟବସ୍ଥା ରହିଛି। ଭାରତୀୟ ନାଗରିକଙ୍କୁ ସମ୍ବିଧାନ ଅନୁସାରେ ଅଧିକାର, ନ୍ୟାୟ ଏବଂ ସୁରକ୍ଷା ଦେବା ହେଉଛି ନୂଆ ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ ।

**BBSR/R**

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଆଜି ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏହି ଶୁଣାଣି ଅନୁଷ୍ଠିତ ହେବ। ଏଥିପାଇଁ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସେହି ସ୍ଥାନରେ ପଞ୍ଜୀକରଣ ହେବ । ସୂଚନା ଅନୁସାରେ ସପ୍ତାହର ପ୍ରତ୍ୟେକ ସୋମବାର ସମସ୍ତ ବିଭାଗ ଏବଂ ବିଭାଗୀୟ ମୁଖ୍ୟ ଜନ ଅଭିଯୋଗ ଶୁଣାଣି କରିବେ । ସେହିପରି ଜିଲ୍ଲାସ୍ତରରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକମାନେ ମିଳିତ ଭାବେ ଜନଶୁଣାଣି କରିବେ ।

***PIB***

# ଅଶ୍ୱିନୀ ବୈଷ୍ଣବ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତକାଲି ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥର ମୁଖ୍ୟାଳୟ ରେଳ ସଦନଠାରେ ରେଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ଅବସରରେ ସେ ପ୍ରକଳ୍ପଗୁଡ଼ିକ ପାଇଁ ଜମି ଅଧିଗ୍ରହଣ, ଆଇନ ଓ ଶୃଙ୍ଖଳା ଆଦିର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ । ସମୀକ୍ଷା ସମୟରେ ଶ୍ରୀ ବୈଷ୍ଣବ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ୧ ହଜାର ୮୨୬ ଟ୍ରାକ୍ କିଲୋମିଟର ରେଳ ଲାଇନ୍

ନିର୍ମାଣ କରାଯାଇଛି । ରେଳ ନେଟ୍‌ୱର୍କ୍‌ରେ ରାଜ୍ୟର ସମସ୍ତ ଜିଲ୍ଲାକୁ ସଂଯୋଗ କରିବାପାଇଁ ପଦକ୍ଷେପ ନିଆଯାଉଛି । ଚଳିତ ବର୍ଷ ୫୦୦ କିଲୋମିଟର ରେଳ ଲାଇନ୍ ନିର୍ମାଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ଖୋର୍ଦ୍ଧାରୋଡ୍-ବଲାଙ୍ଗିର ରେଳ ଲାଇନ୍‌ର ଶୀଘ୍ର ସମାପ୍ତିପାଇଁ ଟନେଲ୍‌ଗୁଡ଼ିକର ନିର୍ମାଣ କାର୍ଯ୍ୟ ଉଭୟ ପାର୍ଶ୍ୱରୁ କରାଯିବ । ଏହାବ୍ୟତୀତ ତାଳଚେର-ବିମଳାଗଡ଼ ନୂଆ ରେଳ ଲାଇନ୍‌ରେ ନିର୍ମାଣ କାର୍ଯ୍ୟ ଉଭୟ ପାର୍ଶ୍ୱରୁ ହେବ । ସେହିଭଳି ଅମୃତ ଷ୍ଟେସନ୍‌ଗୁଡ଼ିକର ପୁନର୍ବିକାଶ କାର୍ଯ୍ୟପାଇଁ ବିଶେଷ ଧ୍ୟାନ ଦିଆଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

***BBSR/R***

# ନିକୁଞ୍ଜ ବିହାରୀ ଧଳ

ବରିଷ୍ଠ ପ୍ରଶାସନିକ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ପାଇଛନ୍ତି । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଶ୍ରୀ ଧଳ ବର୍ତ୍ତମାନ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି ।

*Puri/R*

# ଚକାବିଜେ ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଅନବସରର ଦଶମୀ ତିଥିରେ ଶ୍ରୀଜିଉମାନଙ୍କର ଚକାବିଜେ ନୀତି ଅନୁଷ୍ଠିତ ହେବ । ଏହାଫଳରେ ଶ୍ରୀଜିଉଙ୍କୁ ଜ୍ୱରଜନିତ ପୀଡ଼ାରୁ ସାମାନ୍ୟ ଉପଶମ ମିଳିବ ବୋଲି ବିଶ୍ୱାସ ରହିଛି । ଆଜି ଦ୍ୱିପ୍ରହର ଭୋଗନୀତି ପରେ ଦଇତାପତିମାନଙ୍କଦ୍ୱାରା ଏହି ଚକାବିଜେ ନୀତି ଅନୁଷ୍ଠିତ ହେବ । ଅନ୍ୟପକ୍ଷରେ ଶ୍ରୀବୈଦ୍ୟଙ୍କଦ୍ୱାରା ସ୍ୱତନ୍ତ୍ର ଓ ପାରମ୍ପରିକ ରୀତିରେ ଜ୍ୱରରୁ ସମ୍ପୂର୍ଣ୍ଣ ଉପଶମପାଇଁ ବିଭିନ୍ନ ଚେରମୂଳିରେ ଦଶମୂଳାରିଷ୍ଟ ମୋଦକ ପ୍ରସ୍ତୁତ କରାଯାଇ ଏହାକୁ ଶ୍ରୀମନ୍ଦିର ଗାରଦକୁ ପ୍ରଦାନ କରାଯିବ । ଆସନ୍ତାକାଲି ଏକାଦଶୀ ତିଥିରେ ଦଶମୂଳ ଔଷଧ ଲାଗି ହେବା ସହ ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହେବେ ବୋଲି ବିଶ୍ୱାସ ରହିଛି ।

*Puri/R*

# ଆଥ୍ଲେଟିକ୍ - ସ୍ୱର୍ଣ୍ଣ

ହରିୟାଣାର ପଞ୍ଚକୁଲାଠାରେ ଆୟୋଜିତ ଜାତୀୟ ବରିଷ୍ଠ ଆଥ୍ଲେଟିକ୍ ଚାମ୍ପିୟନ୍‌ସିପ୍‌ର ଗତକାଲି ଅନ୍ତିମ ଦିବସରେ ଓଡ଼ିଶାର ଶ୍ରାବଣୀ ନନ୍ଦ ଓ ଅନିମେଶ କୁଜୁର ସ୍ୱର୍ଣ୍ଣପଦକ ଜିତିଛନ୍ତି । ସେହିଭଳି ମହିଳା ୧୦୦ ମିଟର ହର୍ଡଲ୍‌ସ୍‌ରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ରୌପ୍ୟ ପଦକ ଜିତିଛନ୍ତି । ସୂଚନା ଅନୁସାରେ ପୁରୁଷ ୨୦୦ ମିଟର ଦୌଡ଼ରେ ଅନିମେଶ ୨୦ ଦଶମିକ ୬/୫

ସେକେଣ୍ଡରେ ନିର୍ଦ୍ଧାରିତ ଦୂରତା ଅତିକ୍ରମ କରିଥିଲେ । ସେହିଭଳି ଶ୍ରାବଣୀ ମହିଳା ୨୦୦ ମିଟର ଦୌଡ଼ରେ ୨୩ ଦଶମିକ ୮/୯ ସେକେଣ୍ଡରେ ଏହି ଦୂରତା ଅତିକ୍ରମ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ ।

***Bhadrak/R***

# ଯୁବ ସାଂସ୍କୃତିକ କାର୍ଯ୍ୟକ୍ରମ

କେନ୍ଦ୍ର ସଙ୍ଗୀତ ଏକାଡେମୀ ଏବଂ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭଦ୍ରକ ଜିଲ୍ଲା ଧୁସୂରି ପୂଜ୍ୟପୂଜା ସଂସଦ ଭବନରେ ଯୁବ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦାସ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କଳାକାରମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

***Met. O.***

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁରରେ ସର୍ବାଧିକ ୪୭ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ

ଆଜିଠାରୁ ଲଘୁଚାପ ଦୁର୍ବଳ ହେବ । ଏହାର ପ୍ରଭାବରେ ବର୍ଷାର ପରିମାଣ ହ୍ରାସ ପାଇବ ।

ଅପରପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରେ ସକ୍ରିୟ ଥିଲେ ସୁଦ୍ଧା ନିଅଣ୍ଟିଆ ବର୍ଷା ସ୍ଥିତି ଜାରି ରହିଛି । ଜୁନ୍ ପହିଲାରୁ ଗତକାଲି ପର୍ଯ୍ୟନ୍ତ ରାଜ୍ୟରେ ୧୫୩ ଦଶମିକ ୬ ମିଲିମିଟର ବର୍ଷା ହୋଇଛି । ଏହା ସ୍ୱାଭାବିକ ବର୍ଷାଠାରୁ ୩୬ ପ୍ରତିଶତ କମ୍ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଜଣାପଡ଼ିଛି । ସେହିଭଳି ଏହି ସମୟ ମଧ୍ୟରେ ୧୬ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି ।

*****